# ତହସିଲ କାର୍ଯ୍ୟାଳୟ, **ଧର୍ମଶାଳା**

ବିଜ୍ଞପ୍ତି ସଂ. ୮୮୧ /ତା. ୨୨.୨.୨୧

## ଲଘୁଖଣିଜ ଦ୍ରବ୍ୟ ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ବାରା, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ **ଧର୍ମଶାଳା** ତହସିଲ ଅନ୍ତର୍ଗତ ନିମ୍ନ ସୂଚୀ ପ୍ରଦତ୍ତ (ଲଘୁ ଖଣିଜ ଦ୍ରବ୍ୟ) ସୈରାତ ଉତ୍ସ ଗୁଡିକୁ ଅନ୍ୟୁନ ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବା ସଂସ୍ଥା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି(ସଂଶୋଧନ) ୨୦୧୭ ଓ ୨୦୧୮ ବର୍ଣ୍ଣିତ ତିନି କିତା ଫର୍ମ "M" ପୂରଣ କରି ତତ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ସଲଗ୍ନ କରି ଜଉମୁଦ ଲଫାପାରେ Registered Post /Speed Post ଜରିଆରେ ତହସିଲଦାର, **ଧର୍ମଶାଳା** ଙ୍କ ଠିକଣାରେ ରେ ବିଜ୍ଞପ୍ତି ପ୍ରକାଶନ ତାରିଖ ପରଦିନ ଠାରୁ ଆସନ୍ତା ତା 23.03.21 ଦିବା ୫ ଘଟିକା ସୁଦ୍ଧା ପକାଇ ପାରିବେ( ଛୁଟି ଦିନ ବ୍ୟତୀତ) ଲଫାପାରେ ସୈରାତ କେଶ ନଂ ଓ ଉତ୍ସର ନାମ ଉଲ୍ଲେଖ ଥିବା ଆବଶ୍ୟକ । ପ୍ରାପ୍ତ ଦରଖାସ୍ତ ଗୁଡ଼ିକୁ ତା 24.03.2021 ଦିବା ୧୧ ଘଣ୍ଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ନିଲାମ ଧାର୍ଯ୍ୟ ତାରିଖ ପୂର୍ବ ଦିନ ଅପରାହ୍ନ ୫ ଘଣ୍ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ ସେହିପରି ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରାଯିବ ।

ଯଦି କୌଣସି କାରଣରୁ ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ନିଲାମ ନହୋଇପାରିଲା ତେବେ ପରବର୍ତ୍ତୀ ନିଲାମ ତାରିଖ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସ୍ଥିର କରାଯାଇ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଜଣାଇ ଦିଆଯିବ । ଯଦି ୧(ପ୍ରଥମ ) ଦଫା ରେ କୌଣସି ନିର୍ଦ୍ଦିଷ୍ଟ ସୈରାତ ଉତ୍ସ ପାଇଁ କୌଣସି ଦରଖାସ୍ତ ଗ୍ରହଣ କରାଯାଇ ନଥିବ ତେବେ ୨ (ଦ୍ୱିତୀୟ ) ଦଫା ଅର୍ଥାତ ତା 30.03.2021 ଅପରାହ୍ନ ୫ ଘଣ୍ଟିକା ସୁଧା ଦରଖାସ୍ତ ଗ୍ରହଣ କରାଯାଇ ତା 31.03.2021 ରିଖ ଦିବା ୧୧ ଘଣ୍ଟିକା ଓ ସେହିପରି ୩ (ତୃତୀୟ ) ଦଫା ଅର୍ଥାତ ତା 8.04.2021 ରିଖ ଅପରାହ୍ନ ୫ ଘଣ୍ଟିକା ସୁଧା ଦରଖାସ୍ତ ଗ୍ରହଣ କରାଯାଇ ତା 9.04.2021 ରିଖ ଦିବା ଘ 11.00 ଟିକା ସମୟରେ ନିଲାମ ପ୍ରକ୍ରିୟା ସଂପାଦାନ କରାଯିବ ।

ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳି ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବ ସାଇଟ www.jajpur.nic.in / www.tdr.dharmasala.in ର Tender ଲିଙ୍କ ମଧ୍ୟମରେ ମଧ୍ୟ ଏହି ବାବଦରେ ସମସ୍ତ ସୂଚନା ପାଇପାରିବେ ।

## ଦରଖାସ୍ତ ସହ ଦାଖଲ କରିବାକୁଥିବା ଦସ୍ତାବିଜ

୧ . ଦରଖାସ୍ତ ଫି ବାବଦକୁ ଟ୧୦୦୦/-(ଏକ ହଜାର) ଟଙ୍କା ଟ୍ରେଜେରୀ ଚାଲାଣ (Head of Account -0853- Non Ferrous Mining and Metallurgical Industries-102-Mineral Concession Fees, Rent & Royalties) ଦାଖଲ କରିବେ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

Scanned by TapScanner

୨. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ।

୩. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା ୫ ଭାଗ EMD(Earnest Money Deposit) ନିମନ୍ତେ ତହସିଲଦାର, ଧର୍ମଶାଳା ଙ୍କ ନାମରେ ଚଳବନ୍ଧକକୃତ ବା pledged in favour of Tahasildar, Dharmasala ବ୍ୟାଙ୍କ ଡ୍ରାଫ୍ଟ ଦାଖଲ କରିବେ ।

୪. ଆବେଦନ କାରୀ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ର ରୟାଲଟି ଓ ଆବେଦନକାରୀ ଦର୍ଶାଇଥିବା ଅତିରିକ୍ତ ଦେୟ (Minimum Guaranteed Quantity *(Offered Addl. Charge + Royalty) ବାବଦୀୟ ଅର୍ଥ ପରିମାଣ ର ୧୮ ମାସ ପର୍ଯ୍ୟନ୍ତ ଅବଧିପ୍ରାପ୍ତଥିବା ବ୍ୟାଙ୍କ ଗ୍ୟାରେଣ୍ଟି/solvency ସହ ରାଜସ୍ୱ ଅଧିକାରୀ ଙ୍କ ଦ୍ୱାରା ପ୍ରାପ୍ତ ସ୍ଥାବର ସମ୍ପତି ଓ ଆୟକର ରିଟର୍ଣ ସମ୍ବନ୍ଧୀୟ ଦସ୍ତାବିଜ ର ନକଲ ଦାଖଲ କରିବେ ।

୫. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ନକ୍ସା ଓ ଚୌହଦୀ ର ସମ୍ପୂର୍ଣ ବିବରଣୀ ।

୬. PAN କାର୍ଡ଼/ଆଧାର କାର୍ଡ଼/ପରିଚୟ ପତ୍ର ର ନକଲ ଦାଖଲ କରିବେ ।

୭. ଅନ୍ୟାନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଓ ଯନ୍ତ୍ରପାତି ଇତ୍ୟାଦି।

## ସୈରାତ ଉତ୍ସ ଗୁଡିକର ବିବରଣୀ

| Sl. No | Name of the Sairat Sources | Mouza | Khata | Plot | Area in Ac | Kisam | Additional Charges | Minimum Guaranteed |
|---|---|---|---|---|---|---|---|---|
| 1 | Bichhakhandi Black Stone Quarry No. 1 | Bichhakhandi | 822 | 2338(P) | 5.00 | Patharahuda | 60.00 | 31225 |
| 2 | Bichhakhandi Black Stone Quarry No. 2 | Bichhakhandi | 822 | 2338(P) | 5.00 | Patharahuda | 60.00 | 13543 |
| 3 | Bichhakhandi Black Stone Quarry No. 4 | Bichhakhandi | 822 | 2338(P) | 6.25 | Patharahuda | 60.00 | 35330 |
| 4 | Bichhakhandi Black Stone Quarry No. 5 | Bichhakhandi | 822 | 2338(P) | 5.00 | Patharahuda | 60.00 | 21674 |
| 5 | Bichhakhandi Black Stone Quarry No. 17 | Bichhakhandi | 389 | 1826(P) | 11.50 | Purunapatita | 60.00 | 54872 |
| 6 | Bichhakhandi Black Stone Quarry No. 18 | Bichhakhandi | 389 | 1815(P) | 5.00 | Pahada | 60.00 | 24276 |
| 7 | Bichhakhandi Black Stone Quarry No. 19 | Bichhakhandi | 389 | 1826(P) | 4.00 | Purunapatita | 60.00 | 12426 |
| 8 | Bichhakhandi Black Stone Quarry No. 22 | Bichhakhandi | 389 | 1826(P) | 6.50 | Purunapatita | 60.00 | 30327 |
| 9 | Bichhakhandi Black Stone Quarry No. 24 | Bichhakhandi | 389 | 1815(P) | 5.00 | Pahada | 60.00 | 23720 |
| 10 | Anjira Black Stone Quarry No. 4 | Anjira | 1729 | 673(P)<br>1343(P) | 3.80<br>2.20 | Parbata-1 | 60.00 | 89662 |
| 11 | Anjira Black Stone Quarry No. 10 | Anjira | 1729 | 1343(P) | 12.00 | Parbata-1 | 60.00 | 33887 |



Scanned by TapScanner

| | | | | | | | | | |
|---|---|---|---|---|---|---|---|---|---|
| 12 | Anjira Black Stone Quarry No. 17 | Anjira | 1729 | 1343(P) | 6.00 | Parbata-1 | 60.00 | 34020 |
| 13 | Baraman Black Stone Quarry No.2 | Baraman | 247 | 1261 | 7.30 | Pahada | 60.00 | 23305 |
| 14 | Rahadpur Black Stone Quarry No. 1 | Rahadpur | 235 | 1(P) | 7.50 | Parbata | 60.00 | 62146 |
| 15 | Rahadpur Black Stone Quarry No. 4 | Rahadpur | 235 | 1(P) | 5.00 | Parbata | 60.00 | 37607 |
| 16 | Rahadpur Black Stone Quarry No. 5 | Rahadpur | 235 | 1(P) | 5.00 | Parbata | 60.00 | 40757 |
| 17 | Rahadpur Black Stone Quarry No. 7 | Rahadpur | 235 | 1(P) | 5.00 | Parbata | 60.00 | 23289 |
| 18 | Rahadpur Black Stone Quarry No. 8 | Rahadpur | 235 | 1(P) | 7.00 | Parbata | 60.00 | 87199 |
| 19 | Rahadpur Black Stone Quarry | Rahadpur | 235 | 1(P) | 10.00 | Parbata | 60.00 | 82743 |
| 20 | Rahadpur Black Stone Quarry | Rahadpur | 235 | 1(P) | 6.00 | Parbata | 60.00 | 57757 |
| 21 | Barada Black Stone Quarry No. 03 | Barada | 362 | 193(P)<br>41(P) | 4.60<br>0.40 | Pahada | 60.00 | 8736 |
| 22 | Barada Black Stone Quarry No. 04 | Barada | 362 | 41(P) | 6.00 | Pahada | 60.00 | 16857 |
| 23 | Barada Black Stone Quarry | Barada | 362 | 41(P) | 5.00 | Pahada | 60.00 | 15585 |
| 24 | Bajabati Black Stone Quarry No.2 | Bajabati | 215 | 1050(P) | 5.00 | Pathara chatana | 60.00 | 14560 |
| 25 | Aruha Black Stone Quarry | Aruha | 779 | 2694(P)<br>2807(P) | 10.98<br>9.02 | Pahada | 60.00 | 510600 |
| 26 | Aruha Black Stone Quarry | Aruha | 779 | 2808(P)<br>2807(P) | 15.91<br>3.07 | Pahada | 60.00 | 425794 |
| 27 | Aruha Black Stone Quarry | Aruha | 779 | 2808(P)<br>2807(P) | 9.78<br>9.10 | Pahada | 60.00 | 643604 |

## ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬( OMMC Rules-2016) ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି(ସଂଶୋଧନ) ଆଇନ-୨୦୧୭ ଓ୨୦୧୮ (OMMC Amendment Rules -2017 & 2018) ର ପରିସରଭୁକ୍ତ ରହିବେ ।

୨. ସର୍ବୋଚ୍ଚ ଅତିରିକ୍ତ ଦେୟ ଦରଜ କରିଥିବା ଆବେଦନକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ମୂଲ୍ୟ ପ୍ରଦାନ କରିବେ ତେବେ ଲଟେରୀ ମାଧମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

Scanned by TapScanner

୩. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟର ୭(ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ । ଏବଂ ତତ ସଙ୍ଗେ ସଙ୍ଗେ ସର୍ବ ନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ଓ ରୟାଲଟି ପରିମାଣର ଏକ ଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁଥିବା ଦେୟରୁ earnest money କୁ ବାଦଦେଇ ବଳକାଥିବା ରାଶି ଜମାକରିବେ, ଯାହାକି ବିନା ସୁଧରେ ଅମାନତ ଆକାରରେ ରହିବ । ଯଦି ମନୋନୀତ ବ୍ୟକ୍ତି 15(ପନ୍ଦର) ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି କିମ୍ବା ଉକ୍ତ ଅମାନତ ରାଶି ଜମା ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯାଇ ଜମା ଥିବା ଅମାନତ ରାଶି ବାଜ୍ୟାପ୍ତି କରାଯିବ ।

୪. ମନୋନୀତ ବ୍ୟକ୍ତି ମନୋନୀତ ହେବା ଦିନଠାରୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬(OMMC Rules-2016) ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୧୭ ଓ୨୦୧୮(OMMC Amendment Rules -2017 & 2018) ମୁତାବକ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଖର୍ଚ୍ଚରେ ପ୍ରାଧିକୃତ ଅଧିକାରୀଙ୍କ ଠାରୁ ମାଇନିଙ୍ଗ ପ୍ଲାନ (Mining plan) ପ୍ରସ୍ତୁତ ଓ ଅନୁମୋଦିତ କରିବାଏବଂ ପରିବେଶ ସ୍ୱଚ୍ଛତା ପ୍ରମାଣ ପତ୍ର(Environment clearance Certificate) ହାସଲକରି, ସୂଚିରେ ଦର୍ଶାଯାଇଥିବା ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ କିମ୍ବା Mining plan ଦର୍ଶାଉଥିବା ପରିମାଣ, ଯାହା ଅଧିକ ହେବ, ତାହା ସହିତ ରୟାଲଟି ଓ ଅତିରିକ୍ତ ଦେୟର ସମଷ୍ଟିକୁ ଗୁଣନ କଲେ ଯେଉଁ ଅର୍ଥ ହେବ ସେହି ଅନୁଯାୟୀ ସରକାରଙ୍କ ସମସ୍ତ ଦେୟ ଯଥା- Royalty, Additional Charge, Surface Rent, Dead Rent, DMF (10% of Royalty and Additional Charge), EMF (5% of Royalty and Additional Charge), TDS (2% of Royalty and Additional Charge), Fees for compensatory afforestation etc. ଦାଖଲକରିବେ । ଉକ୍ତ ରାଶି ପଇଠ ହେଲାପରେ ଲିଜଧାରି ନିଜ ଖର୍ଚ୍ଚରେ ରେଜିଷ୍ଟ୍ରେସନ ଆଇନ ୧୯୦୮ ଓ ଷ୍ଟାମ୍ପ ଆଇନ ୧୮୯୯ ଅନୁଯାୟୀ ଲିଜ ଚୁକ୍ତି ପତ୍ର ସମ୍ପାଦନ କରିବେ ଓ ସୈରାତ ପରିଚାଳନା ପାଇଁ Regional Officer State Pollution Control Board ଙ୍କ ନିକଟରୁ CONSENT TO OPERATE ORDER AND CONSENT TO ESTABLISH ଆଣିବା ପାଇଁ ବାଧ ହେବେ ନଚେତ ମନୋନୟନ ପତ୍ର ରଦ୍ଦ କରାଯିବା ସହିତ ଅମାନତ ରାଶି (Security Deposit) ତଥା ଅନ୍ୟାନ୍ୟ ଜମା ବାଜ୍ୟାପ୍ତି କରିଯିବା ।

5. ଯେଉଁ ସୈରାତ ଉତ୍ସ ଗୁଡିକର Mining Plan and Environment Clearance କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ପରିବେଶ ମଞ୍ଜୁରୀ ନିମନ୍ତେ ଆବେଦନ କରାଯାଇଅଛି, ସେସବୁର ଖର୍ଚ୍ଚ ସର୍ବୋଚ୍ଚ ଲିଜ ଧାରି ବହନ କରିବେ ।

୬. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜଧାରି ଆନୁପାତିକ ବହନ କରିବେ ।

୭. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନକରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ । ନିଲାମ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୮. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

Scanned by TapScanner

୯. ଲିଜଧାରି ସୈରାତ ଉସ୍ବର ନକ୍ସା ଅନୁଯାଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ Display Board ତିଆରିକରି ସେଥିରେ ସୈରାତ ଉସ୍ବର ନକ୍ସା ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟପାଇଁ ଲିଜ ଧାରି ନିଜ ଖର୍ଚରେ କରିବେ ।

୧୦. କୌଣସି କାରଣ ନଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବାର କ୍ଷମତା କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ, ଯାଜପୁରଙ୍କର ରହିଛି ।

୧୧. ଯଦି ଉକ୍ତ ଇସ୍ତାହାରରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

୧୨. ନିଲାମ ପ୍ରକ୍ରିୟା ସମୟରେ ସମସ୍ତେ COVID-19 ନିୟମ ଅନୁପାଳନ କରିବାକୁ ବାଧ୍ୟ ହେବେ ।

ତହସିଲଦାର, ଧର୍ମଶାଳା

ପରିପତ୍ର ସଂ. ୪୪୪ /ତା. ୨୨.୨.୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ଯାଜପୁର/ଉପ-ଜିଲ୍ଲାପାଳ, ଯାଜପୁରଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଧର୍ମଶାଳା

ପରିପତ୍ର ସଂ. ୪୪୫ /ତା. ୨୨.୨.୨୧

ଏହାର ଏକକିତା ନକଲ ମଣ୍ଡଳ ଉର୍ଣ୍ଣୟନ ଅଧିକାରୀ, **ଧର୍ମଶାଳା** /ସମ୍ପୃକ୍ତ ଗ୍ରାମ ପଞ୍ଚାୟତ/ସମସ୍ତ ରାଜସ୍ୱ ନିରିକ୍ଷକ, **ଧର୍ମଶାଳା** ତହସିଲ/ ସମ୍ପୃକ୍ତ ଥାନା ଅଧିକାରୀ/ତହସିଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକ ନିମନ୍ତେ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଧର୍ମଶାଳା

ପରିପତ୍ର ସଂ. ୪୪୬ /ତା. ୨୨.୨.୨୧

Copy forwarded to the DIO, NIC, Collectorate, Jajpur for information with a request to upload in the District website for its wide publication.

ତହସିଲଦାର, ଧର୍ମଶାଳା

Scanned by TapScanner